
ପାଠ-୪

# ମଣିଷ ଭାଇ

**STUDY NOTES**

## MIND MAP



## କବିତାର ପୃଷ୍ଠଭୂମି

ଜାତିର ମାନବିକ ମୂଲ୍ୟବୋଧ ଉପରେ କବୟିତ୍ରୀଙ୍କର ନିବିଡ଼ ଆସ୍ଥା ରହିଛି। ଅସହାୟ ଓଡ଼ିଆ ଜାତିପ୍ରାଣରେ ଆଶା ଓ ଉଦ୍ଦୀପନାର ସୁଧା ବାରି ସିଞ୍ଚନ କରିବାକୁ ଯାଇ କବୟିତ୍ରୀ ସୃଷ୍ଟି କରିଛନ୍ତି କବିତା 'ମଣିଷ ଭାଇ'। କବିତାଟି କବୟିତ୍ରୀଙ୍କ କବିତା ପୁସ୍ତକ 'ସ୍ଫୁଲିଙ୍ଗ'ରୁ ଉଦ୍ଧୃତ ହୋଇଛି, ଯାହାର ରଚନାକାଳ ୧୯୨୯ ମସିହା। ତତ୍କାଳୀନ ରାଜନୈତିକ ଓ ସାମାଜିକ ପରିସ୍ଥିତି ଥିଲା ଉତ୍ତେଜନାପ୍ରବଣ। ବିଦେଶୀ ଶାସକଙ୍କ ଅର୍ଥନୈତିକ ଶୋଷଣ, ନିପୀଡ଼ନ, ଦେଶବାସୀଙ୍କ ଉତ୍କଟ ଦାରିଦ୍ର୍ୟ, ରୋଗବ୍ୟାଧି,ରାଜା ଜମିଦାରଙ୍କ ବିଳାସବ୍ୟସନ, ବିଦେଶୀ ପଦଲେହନକାରୀଙ୍କର ବିଶ୍ୱାସଘାତୀ ଭୂମିକା ପ୍ରଭୃତି ଦେଶର ଘୋର ଅସହାୟ ଅବସ୍ଥାରେ ସାଧାରଣ ଜନଜୀବନ ବ୍ୟତିବ୍ୟସ୍ତ ହୋଇପଡ଼ିଥିଲା। ଧନୀ-ନିର୍ଦ୍ଧନ, ଶୋଷକ ଓ ଶୋଷିତ ମଧ୍ୟରେ ଥିବା ଯୁଗ ଯୁଗର ବ୍ୟବଧାନ ନାରୀ କବିଙ୍କ ଦୃଷ୍ଟିକୁ ଏଡ଼ାଇ ଯାଇପାରିନଥିଲା। ମଣିଷର ଦୁଃଖରେ କବୟିତ୍ରୀ କେଉଁଠାରେ ବ୍ୟଥିତା ତ କେଉଁଠି ଜାତୀୟ ଜୀବନର ଦୁର୍ଗତି ଲକ୍ଷ୍ୟ କରି ଅବସାଦଗ୍ରସ୍ତା। ଶୋଷିତ, ଲାଞ୍ଛିତ ତଥା ଦାରିଦ୍ର୍ୟର କଷାଘାତରେ ଜର୍ଜରିତ ଜନତାର ଦୁର୍ଦ୍ଦଶା ମୋଚନ ପାଇଁ ତାଙ୍କ କାବ୍ୟସରରେ ଉଗ୍ରତା ନାହିଁ; ମାତ୍ର ଅଭିଯୋଗ ଅଛି। ଦୁର୍ଦ୍ଦଶାଗ୍ରସ୍ତ ଜନତାଙ୍କ ପାଇଁ କବୟିତ୍ରୀଙ୍କ ମନର କୋମଳ କାରୁଣ୍ୟ କବିତାରେ ରୂପାୟିତ ହୋଇଛି। ଏହି ଗ୍ଲାନିକର ପରିସ୍ଥିତି ଭିତରେ କବୟିତ୍ରୀଙ୍କ ଅନ୍ତରଣରେ ଆଶାର ଅସରନ୍ତି ବିଶ୍ୱାସ ସୃଷ୍ଟି ହୋଇପାରିଛି ଓ ମଣିଷର ମହାନତାକୁ ଘୋଷଣା କରି ସେ ଗାଇଛନ୍ତି-

"ଶୁଣ ହେ ମଣିଷ ଭାଇ ! ଝୁରି ମରିବାକୁ ବୁଡ଼ି ମରିବାକୁ

ମଣିଷ ଜନମି ନାହିଁ।"

## କବିତାର ସାରମର୍ମ:

ନାରୀକବି କୁନ୍ତଳା କୁମାରୀଙ୍କ କାବ୍ୟସ୍ୱରରେ ମଣିଷ ପାଇଁ ଅଶେଷ ସ୍ନେହ ଓ ଦିବ୍ୟାଶୀର୍ବାଦର ଧାରା ଉଚ୍ଚାରିତ ହୋଇଛି। ସମାଜର ଦଳିତ, ଲାଞ୍ଛିତ, ପତିତ ଓ ନିପୀଡ଼ିତ ମଣିଷ ଜାତି ତାଙ୍କ ଚିତ୍ତର କୋମଳ କାରୁଣ୍ୟ କବିତାରେ

ଭରିଦେଇଛି ଅଫୁରନ୍ତ ପ୍ରାଣପ୍ରାଚୁର୍ଯ୍ୟ। ମାନବ ସମାଜର ଐକ୍ୟ, ପ୍ରୀତି ଓ କଲ୍ୟାଣ କାମନାରେ କବୟିତ୍ରୀଙ୍କ ସାହିତ୍ୟରେ ଅମୃତର ବାର୍ତ୍ତା ପରିବେଷିତ ହୋଇଛି।

କୁନ୍ତଳା କୁମାରୀଙ୍କ ସମ୍ବୋଧୀ କବିତା 'ମଣିଷ ଭାଇ' ଅମୃତର ସନ୍ତାନ ମଣିଷ ପାଇଁ ଆତ୍ମବିଶ୍ୱାସଭରା ଆଶା, ଆଶ୍ୱାସନାର ଦିବ୍ୟବାଣୀ ଶୁଣାଇଛି। ସୁଖ ସ୍ୱପ୍ନଭରା ଅତୀତ ସ୍ମୃତିର ରୋମନ୍ଥନ କରି ତଥା ସମ୍ପ୍ରତିକ ଦୁଃଖ, ଯନ୍ତ୍ରଣାର କାରୁଣ୍ୟରେ ହୃଦୟକୁ ଅଯଥା ଭାରାକ୍ରାନ୍ତ ନ କରି ଉପସ୍ଥିତ ପରିସ୍ଥିତିକୁ ସାହସର ସହିତ ସାମନା କରିବା ବିବେକୀର କାର୍ଯ୍ୟ। ସମୟ ଚକ୍ରରେ ଚିର ଘୂର୍ଣ୍ଣନଶୀଳ ଦୁଃଖର ଅମାରାତ୍ରି ପରେ ନବ ପ୍ରଭାତର ନବୀନ ସୁଖ-ସୂର୍ଯ୍ୟର ଉଦୟ ଅବଶ୍ୟମ୍ଭାବୀ। ତେଣୁ ଦୁଃଖ-ଦୁର୍ଦ୍ଦଶାକୁ କପାଳ ଲିଖନ ବୋଲି ବିବେଚନା ନ କରି ଓ ଭାଗ୍ୟକୁ ଧିକ୍କାର କରି ଶତ ହତଶ୍ୱାସରେ ଜୀବନକୁ ଅଧିକ ଯନ୍ତ୍ରଣାଜର୍ଜର ନ କରିବାକୁ କବୟିତ୍ରୀ ସମ୍ବେଦନଶୀଳ ଆଶ୍ୱାସନା ବାଣୀ ଶୁଣାଇଛନ୍ତି। କାରଣ ଅନାଗତ ଭବିଷ୍ୟତ ନିଶ୍ଚିତ ଭାବେ ଜୀବନକୁ ନୂତନ ଆଶା ଓ ନବ ଉନ୍ମାଦନାରେ ସ୍ପନ୍ଦିତ କରିବ। ଯେହେତୁ ପରିବର୍ତ୍ତନ ଧାରାର ପ୍ରବହମାନତାରେ ବିଧାତାଙ୍କ ସୃଷ୍ଟି ଚିର ମଙ୍ଗଳମୟ, ମାନବ ଜୀବନ ଯେ ନିୟତିର ଅଧୀନ, ଏକଥା ସତ୍ୟ। ମାତ୍ର ଯନ୍ତ୍ରଣା ପରିପୂର୍ଣ୍ଣ କାରାଗାରରେ ଚିର ଶୃଙ୍ଖଳିତ ଜୀବନ ଧରି ମାନବ ଯେ କେବଳ ଲାଞ୍ଛନା, ଦୁଃଖ, ଅପମାନ ଓ ଅତ୍ୟାଚାରକୁ ନୀରବରେ ସହ୍ୟ କରି ଚାଲିଥିବ ଏହା କଦାପି ନିୟତିର ବିଧାନ ନୁହେଁ। ମାନବ ଜାତି କେବେ ବି ଧ୍ୱଂସପଥର ଯାତ୍ରୀ ନୁହେଁ କି ଏ ସଂସାର ତା' ପାଇଁ ମୃତ୍ୟୁର ମହାକାଳ ନୁହେଁ। ଈଶ୍ୱର ସୃଷ୍ଟ ଏ ବିଶାଳ ଜଗତ ହେଉଛି ...

ODM EDUCATIONAL GROUP Changing your Tomorrow